# ପିଲାଙ୍କ ଧରିତ୍ରୀ

ଶନିବାର, ୭ ସେପ୍ଟେମ୍ବର, ୨୦୧୯




୭ ବିଜ୍ଞାନ କଥା
୬ ପ୍ରତିଭା
ସ୍କୁଲ୍... ସ୍କୁଲ୍ ୩
କବିତା ୬

## ମତାମତ

ପିଲାଙ୍କ ଧରିତ୍ରୀରେ ପ୍ରକାଶ ପାଉଥିବା ସ୍କୁଲ ସ୍କୁଲ ସ୍ତମ୍ଭରୁ ବିଭିନ୍ନ ସ୍କୁଲ ବିଷୟରେ ଜାଣିପାରୁଛୁ। ଜଣା ଅଜଣା ସ୍ତମ୍ଭରୁ ଅନେକ ଅଜଣା କଥା ଜାଣିବାକୁ ମିଳୁଛି। ବିଜ୍ଞାନ କଥା ଅନେକ ଅନାଲୋଚିତ ତଥ୍ୟକୁ ସରଳ ଭାଷାରେ ପରଷି ଦେଉଛି।

- **ଆଦିତ୍ୟ ଆୟୁଷ୍ମାନ୍**, ଚରମ୍ପା, ଭଦ୍ରକ

ଧରିତ୍ରୀ ତରଫରୁ ଶିଶୁଙ୍କ ନିମନ୍ତେ ପିଲାଙ୍କ ଧରିତ୍ରୀ ଏକ ସଫଳ ଉଦ୍ୟମ ହେବା ସହ ଶିଶୁ ସାହିତ୍ୟିକଙ୍କ ନିମନ୍ତେ କ୍ଷୁଦ୍ର ପ୍ରୟୋଗଶାଳାଟିଏ ଅଟେ। ଏଣୁ ଅଭିନନ୍ଦନ ଜଣାଉଛି।

- **ରାମଚନ୍ଦ୍ର ଦାଶ**, ବିଦ୍ୟାଧରପୁର, ଗୁଆଳିଗୋରଡା, ପୁରୀ

ତୁମ ତୂଳୀରୁ ପୃଷ୍ଠାଟି ଖୁବ୍ ସୁନ୍ଦର ହେଉଛି। କୁନି କୁନି ପିଲାଙ୍କ ଅଙ୍କିତ ଗଣେଶଙ୍କର ପ୍ରତିଟି ଚିତ୍ର ଭଲ ଲାଗୁଥିଲା।

- **ଜ୍ୟୋସ୍ନାରାଣୀ ସାହୁ**, ବକ୍ସିବଜାର, କଟକ

ଗପ ପୃଷ୍ଠାରେ ପ୍ରକାଶ ପାଇଥିବା ଅବଧୁତଙ୍କ ଗୁରୁ ଖୋଜା ପାଠ କଲି। ବାସ୍ତବରେ ଗୁରୁଙ୍କ ବିନା ଜୀବନରେ ସଫଳତା ନାହିଁ। କବିତା ପୃଷ୍ଠାଟି ମନକୁ ଛୁଇଁଲା ଭଳି  ହୋଇଥିଲା।

- **ଲତିକା, ସୋନା**, ଜାରକା, ଯାଜପୁର

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

## ଗପ

# ମାଆ




ଥରେ ରାତି ଖିଆପିଆ ଶେଷ ହେବା ପରେ ଦାମବାବୁଙ୍କ ରୋଷେଇଘର କବାଟ ବନ୍ଦ ଥାଏ। ପାଖାପାଖି ଥାକରେ ରହିଥାଏ ଦୁଇଟି ଜାର। ଗୋଟିଏରେ ଚିନି ଓ ଅନ୍ୟଟିରେ ଗୁଡ ଥାଏ। ଜିରା, ସୋରିଷ, ଲଙ୍କା, ହଳଦୀଗୁଣ୍ଡ, ଫୁଟଣ ମସଲାଗୁଣ୍ଡ ପ୍ରଭୃତି ଡବା ପାଖରେ ମଧ୍ୟ ଥାନ୍ତି।

ଏହି ସମୟରେ ଚିନିକୁ ଅତି ପାଖରେ ଦେଖି ଗୁଡ ଭାବିଲା ଆଉ ଗୁଣୁ ଗୁଣୁ ହୋଇ କହିଲା, ମୋ ପାଖରେ ବସିଥିବା ଏହି ଚିନି କ'ଣ ତାହାହେଲେ ମୋର ପ୍ରଥମ ସନ୍ତାନ। କାହିଁ ମୋତେ କେବେ ହେଲେ ସେ ମା' ବୋଲି ତ ଡାକୁନି। କଥା କ'ଣ। ବୋଧେ ଲୋକମାନେ ତାକୁ ମୋ ଠାରୁ ଅଲଗା କରି ସହରକୁ ନେଇଯିବାରୁ ସେ ଚିହ୍ନିପାରୁନାହିଁ।

ହଠାତ୍ ବଡ ପାଟିରେ ଚିନି କହିଲା କ'ଣ କିଲୋ ଗୁଣୁ ଗୁଣୁ ହୋଇ କହୁଛୁ। ଶୁଆଇ ଦେବୁନି ନା କ'ଣ। ମୋ ପାଖରୁ ତୁ ଦୂରେଇ ରହଲୋ କାଳୀ। ତୁ ଭାରି ଅସନା ଲାଗୁଛୁ। ଉଁ ହୁଁ ତୋ ଦେହର ଦୁର୍ଗନ୍ଧରେ ମୋ ନାକ ଫାଟି ପଡୁଛି। ଯାଆ, ଯାଆ।

ତୁ ପରା ମୋ ଠାରୁ ଜନ୍ମ ହୋଇଛୁ। ମୋତେ ପୁଣି ବାଧିଲା ଭଳି କଥା କହୁଛୁ। କ'ଣ ତୁ ସଫା ଧଳା ଦେଖାଯାଉଛୁ ବୋଲି ତୋ ମନରେ ଭାରି ଗର୍ବ । ଏମିତି କଟୁ କଥା ମୁଁ ସିନା ସହିଗଲି, ହେଲେ ଆଉ କେବେ କାହାକୁ ତୁ ଏପରି କଥା କହିବୁନି। ସେମାନେ ତୋ ମହତ ସାରିଦେବେ। ନରମ ଗଳାରେ ଗୁଡ ତାକୁ ବୁଝାଇ କହିଲା।

ତା ତୁଣ୍ଡରୁ କଥା ନ ସରୁଣୁ ଚିନି କଳି କଲା ଭଳି ଛିଗୁଲେଇ ହୋଇ କହିଲା କ'ଣ କହିଲୁ ପୋଡାମୁହିଁ। ମୁଁ ତୋ ଠାରୁ ଜନ୍ମ ହୋଇଛି। ତୋ ଦେହର ରଙ୍ଗ ତ କୋଇଲା ଭଳି କଳା ଆଉ ପାଣି ଚିକିଟିଆ। ମୁଁ ପୁଣି ଏହାଠୁ ଜନ୍ମ ହୋଇଛି। ଛିଃ ଛିଃ ଛିଃ ତାହା ମିଛ କଥା। କାଇଁ ଏ କଥା ମୁଁ ଆଜିଯାଏ ଶୁଣିନି କି କେଉଁଠୁ ଜାଣିନି। ତେଣୁ ତୋ ଭଳି ମିଛେଇ ବୋଧେ ସାରା ଜଗତରେ କେଉଁଠି ନ ଥିବେ। ହେଉ ଏତେ କଥାରୁ ମୋତେ କ'ଣ ମିଳିବ ଯେ। କହିଲି ପରା, ମୋ ଠାରୁ ତୁ ଖଣ୍ଡେ ଦୂର ଛାଡି ରହ।

କାଳୀ କୋତରି ଅପରଛନି
ଅସନା ତୋହର ଦେହ
ତୋତେ ଦେଖିଲେ ଅସୁଖ ଲାଗେ
ମୋଠାରୁ ଦୂରେଇ ରହ।

ଗୁଡକୁ ଚାହିଁ ଚିନି ଢଗ ପଦେ ଗାଇ ତାକୁ ମୁହଁ ମୋଡିଦେଇ ସେ ପାଖକୁ ଚାହିଁ ବସିଲା।

ହଉ, ମୁଁ ସତ କି ମିଛ କଥା କହୁଛି, ଏବେ ମୋ ମୁହଁରୁ ଭଲ ଭାବେ ଶୁଣ। ଚାଷୀ ଭାଇ ଅନ୍ୟାନ୍ୟ ଫସଲ ପରି କ୍ଷେତରେ ଆଖୁ ଚାଷ କରେ। ପାକଳ ହେଲେ ତାହାକୁ କାଟି ସେ କଳରେ ପେଡିଲା ପରେ ସେଥିରୁ ଆଖୁରସ (ଦୋରୁଅ) ବାହାରେ। ତା ପରେ ତାକୁ ଚୁଲି ଉପରେ ବଡ କଡେଇ ରଖି ନିଆଁ ଜାଳି ଗରମ କରେ। ରସ ଫୁଟି ଫୁଟି ବହଳ ହୋଇଯାଏ। ଶେଷରେ ଚାଷୀ ଗୁଡ ପାଗ ଜାଣି ତାହା ପାତ୍ରକୁ ତୋଳିଆଣେ। ପରେ ପରେ ସେହି ଗୁଡରୁ ଚିନି, ମିଶ୍ରି ତିଆରି ହୁଏ। ଗୁଡ ଆଉ ଚିନି ଦେଖିବା ପାଇଁ ଦି ପ୍ରକାର। ହେଲେ ଉଭୟ ମଧୁର। ଆମେ ଲୋକଙ୍କ ସେବାରେ ଲାଗୁଥିବାରୁ ସେମାନେ ଦୁହିଁଙ୍କୁ ଆଦର କରନ୍ତି।

ତେଣୁ ଏମିତି ଆମେ ମାଆ ଓ ପିଲା କଳି ଲାଗିବା ଆଦୌ ଭଲ ନୁହେଁ। କେବଳ ମାଆ ବୋଲି ମୋତେ କାହିଁକି, ଏପରି ମନ ଦୁଃଖ ହେବା ଭଳି କଷ୍ଟ କଥା କାହାକୁ କହିବା ଉଚିତ ନୁହେଁ। ଗୁଡ ଭଲ ଭାବେ ବୁଝାଇ ଚିନିକୁ କହିଲା।

ଅତି ପାଖରେ ଥାଇ ଲୁଣ କହିଲା ଏବେ ଶୁଣିଲୁ ଚିନି, ସେ କେମିତି ତୋର ମାଆ ହେବ। କେବଳ ମଣିଷ ତାର ସ୍ୱାର୍ଥ ପାଇଁ ମାଆଠାରୁ ତୋତେ ଅଲଗା କରିଦେବାରୁ କେହି କାହାକୁ ବର୍ତ୍ତମାନ ଚିହ୍ନିପାରୁନାହିଁ। ଆଉ ତୁ କେବେ ମାଆକୁ ଏପରି କଟୁ କଥା କହିବୁ ନାହିଁ। କାଳୀ କୋତରି ଅପରିଛନି ହେଲେ ବି ସେ ପରା ମାଆ। ତୁ ଏବେ ଭଲ ଭାବେ ଜାଣ ଯେ ଏ ଦୁନିଆରେ ମାଆଠାରୁ ଆଉ କେହି ବଡ ନାହାନ୍ତି। ସାତ ଜନ୍ମଯାଏ କୌଣସି ସନ୍ତାନ ଯେତେ କଷ୍ଟ କଲେ ମଧ୍ୟ ତା'ର ଋଣ ଶୁଝିପାରିବ ନାହିଁ। ସେ ଅତୁଳନୀୟା। ତେଣୁ ତାକୁ ପୂଜା କରିବା ସନ୍ତାନର ଧର୍ମ।

ଏହା ଶୁଣି ଚିନି କାନ୍ଦି କାନ୍ଦି କହିଲା, ମୁଁ ନ ଜାଣି ପାରି ତୋତେ କେତେ କଟୁକଥା କହି ପକାଇଲି ଲୋ ମାଆ। ତୁ ମୋତେ କ୍ଷମା କରିଦେ। ବର୍ତ୍ତମାନ ମୁଁ କାନ ମୋଡି ହୋଇ ଶପଥ କରି କହୁଛି ଆଉ ଆଗକୁ ତୋ ମନରେ କଷ୍ଟ ହେବା ଭଳି କୌଣସି ପଦେ ବି କଥା କହିବି ନାହିଁ।

ଶେଷରେ ଦୁହେଁ ଚିହ୍ନାଚିହ୍ନି ହେବା ପରେ ମାଆ କୋଳକୁ ଚିନିକୁ ତୋଳି ନେଇ ତାର ଆଖିରୁ ଲୁହ ପୋଛି ଦେଇ ଗେଲ କଲା।

– **ଶ୍ରୀନିବାସ ପାଣି**, କନ୍ତକାଇ, କଳାପଥର, କଟକ, ମୋ: ୯୭୭୭୮୨୬୨୫୬

## ବିନ୍ଦୁ ଯୋଡ଼



## ଖିଲିଖିଲି ହସ

ପପୁ ଥରେ ଇଲେକ୍ଟ୍ରୋନିକ୍ ଦୋକାନକୁ ଯାଇ ପଚାରିଲା, ଭାଇନା ଏ ଟିଭିର ଦାମ୍ କେତେ ଟଙ୍କା ?
ଦୋକାନୀ: ୨୭,୦୦୦ଟଙ୍କା।
ପପୁ: ବହୁତ ଟଙ୍କା ହୋଇଯାଉଛି , ଏଥିରେ ଏମିତି କ'ଣ ସ୍ପେଶାଲିଟି ରହିଛି ?
ଦୋକାନୀ: ଏହା କରେଣ୍ଟ ପଳାଇବା ପରେ ଅଟୋମେଟିକ୍ ବନ୍ଦ ହୋଇଯିବ।
ପପୁ: ଏହାକୁ ସଙ୍ଗେ ସଙ୍ଗେ ପ୍ୟାକ୍ କରିଦିଅ।

ଶିକ୍ଷକ: ଆଚ୍ଛା, ପିଲାମାନେ କହିଲ କ'ଣ ଉପାୟ କଲେ ଜଙ୍ଗଲରୁ ଆଉ ଗଛ କଟା ହେବନି ?
ରାଜୁ: ସାର୍, ଯଦି ଆମେ ପରୀକ୍ଷା ବନ୍ଦ କରିଦେବା ତେବେ କାଗଜ ବଞ୍ଚିଯିବ। ଆଉ କାଗଜ ଲାଗି ଗଛ କଟା ହେବନି।

(ସୋନୁ ଓ ମୋନୁ ମଧ୍ୟରେ କଥାବାର୍ତ୍ତା)
ସୋନୁ: ମୁଁ ବହୁତ ଦିନରୁ ଗୋଟିଏ ଚିନ୍ତାରେ ଅଛି
ମୋନୁ: କ'ଣ, କହୁନୁ ?
ସୋନୁ: ମୋ ଉଡଣୀର ଦୁଇଭାଇ କିନ୍ତୁ ମୋର କାଇଁକି ଗୋଟିଏ ଭାଇ ?

## ଚଗଲା ଭୀମୁ



# ଚିନ୍ମୟ ବିଦ୍ୟାଳୟ, ଦେବଗଡ଼


**ସଂକ୍ଷେପରେ**

ସ୍ଥାପିତ: ୨୦୦୩
ଶ୍ରେଣୀ: ପ୍ଲେ ରୁ ଦଶମ
ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା: ୩୫
ଛାତ୍ରୀଛାତ୍ର ସଂଖ୍ୟା: ୮୫୦
ପ୍ରମୁଖ ଭାଷା: ଇଂଲିଶ, ହିନ୍ଦୀ, ଓଡ଼ିଆ





ଚିନ୍ମୟ ବିଦ୍ୟାଳୟ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ହୋଇଆସିଛି। ଉନ୍ନତମାନର ଶିକ୍ଷା ଶୈଳୀ ସହ ପୁରାତନ, ଆଧୁନିକ ଶିକ୍ଷା ଓ ସଂସ୍କୃତିର ସମ୍ମିଶ୍ରଣରେ ଦେବଗଡ ଚିନ୍ମୟ ବିଦ୍ୟାଳୟ ଇଂଲିଶ ମାଧ୍ୟମ ୨୦୦୩ରେ ପ୍ରତିଷ୍ଠା ଲାଭ କରିଛି। ଏଠାରେ ଏନସିଇଆରଟିର ସମସ୍ତ ପାଠ୍ୟପୁସ୍ତକ ସମେତ ଅନ୍ୟାନ୍ୟ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଏକ ନିଆରା ଶୈଳୀରେ ସମ୍ପାଦିତ ହୋଇଥାଏ। ଛାତ୍ରୀଛାତ୍ରଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ଆଧ୍ୟାତ୍ମିକ, ମାନସିକ ଏବଂ ଶାରୀରିକ ଶିକ୍ଷାର ପୁଙ୍ଖାନୁପୁଙ୍ଖ ତର୍ଜମା କରି ଶିକ୍ଷାର ବ୍ୟବସ୍ଥା ରହିଛି। ଏତଦ୍‌ବ୍ୟତୀତ ଭାରତୀୟ ସଂସ୍କୃତି, ଦେଶାତ୍ମବୋଧ ଓ ବିଶ୍ୱବ୍ୟାପକ ଚିନ୍ତାଧାରାକୁ ଉପଯୋଗ କରି ଜଣେ ଦକ୍ଷ ଏବଂ କୁଶଳୀ ନାଗରିକ ହେବା ପାଇଁ ଶିକ୍ଷା ଦିଆଯାଏ। ଏଠାରେ ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା କରାଯାଇଛି। ୯ମ ଓ ୧୦ମ କ୍ଲାସ ପାଇଁ ସ୍ମାର୍ଟ କ୍ଲାସର ବ୍ୟବସ୍ଥା ରହିଛି। ଛାତ୍ରୀଛାତ୍ରଙ୍କର ଯାତାୟାତ ସୁବିଧା ନିମନ୍ତେ ୪ଟି ବସର ସୁବିଧା ରହିଛି। ଛାତ୍ରୀଛାତ୍ରଙ୍କର କ୍ରୀଡା କସରତ ନିମନ୍ତେ ଏକ ପ୍ରଶସ୍ତ ଖେଳପଡିଆ ସହିତ ବିଭିନ୍ନ ପ୍ରକାରର କ୍ରୀଡା ସାମଗ୍ରୀର ସୁବ୍ୟବସ୍ଥା ରହିଛି। ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମହାପୁରୁଷଙ୍କ ଜୟନ୍ତୀ ଜାକଜମକରେ ପାଳନ କରାଯାଇଥାଏ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜ ପ୍ରଚେଷ୍ଟା ବଳରେ ଜିଲା ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ତଥା ସମ୍ମାନିତ ହୋଇଛନ୍ତି।

ରିପୋର୍ଟ-**ଶଶାଙ୍କ ଶେଖର ଝାଙ୍କର**



**ସ୍ୱାମୀ ନିଗମାନନ୍ଦ(ଚେୟାରମ୍ୟାନ)**

ପିଲାଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ପିଲାମାନଙ୍କ ସାମଗ୍ରିକ ଦେଶାତ୍ମବୋଧ, ଆଧ୍ୟାତ୍ମିକତା ଓ ଭାରତୀୟ ସଂସ୍କୃତି ସମ୍ବନ୍ଧୀୟ ଶିକ୍ଷା ହେଉଛି ଚିନ୍ମୟ ବିଦ୍ୟାଳୟର ମୂଳଦୁଆ।



**ବିନୟ କୁମାର ନାୟକ (ଅଧ୍ୟକ୍ଷ)**

ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟି ଓ ଅଭିଭାବକଙ୍କର ସହଯୋଗରେ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ଅନବରତ ପ୍ରୟାସ କରୁଛି।



**ରାମଚନ୍ଦ୍ର ମହାପାତ୍ର (ସମ୍ପାଦକ)**

ବିଦ୍ୟାଳୟର ସୁନାମ ବୃଦ୍ଧି ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ପ୍ରଚେଷ୍ଟା ଜାରି ରହିଛି। ଛାତ୍ରୀଛାତ୍ରଙ୍କର ସାମଗ୍ରିକ ବିକାଶ ପାଇଁ ଆମେ ସର୍ବଦା ଚେଷ୍ଟିତ।



ପ୍ରାର୍ଥନା ପାଇଁ ଛାତ୍ରୀଛାତ୍ର ପ୍ରସ୍ତୁତ ହେଉଛନ୍ତି



ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀଙ୍କ ଫଟୋ ନିକଟରେ ଗୀତା ଆବୃତ୍ତି।



ବୁଧବାର ବିଦ୍ୟାଳୟରେ ହାଉସ୍ ଡ୍ରେସ୍‌ରେ ଛାତ୍ରମାନେ



ଖେଳ ପିରିୟଡରେ ବିଦ୍ୟାଳୟର କ୍ରୀଡାରତ ଛାତ୍ରୀଛାତ୍ର।



**ଅଦିତି ମହାପାତ୍ର** (କ୍ଲାସ୍-୮) ଜଣେ ମେଧାବୀ ଛାତ୍ରୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ଜିଲା ସ୍ତରୀୟ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିଛନ୍ତି ସେ।



**ଶୁଭସ୍ମିତା ଶତପଥୀ** (କ୍ଲାସ୍-୧୦) ଜଣେ ମେଧାବୀ ଛାତ୍ରୀ। ସେ ଜିଲା ସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇ ବହୁବାର ସଫଳତା ଅର୍ଜନ କରି ବିଦ୍ୟାଳୟର ଯଶ ରଖିଛନ୍ତି।



ଫ୍ୟାନ୍ସିଡ୍ରେସ୍ ପ୍ରତିଯୋଗିତାରେ ଛାତ୍ରୀଛାତ୍ର।




ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ନିଜ ଟ୍ରଫି ସହ



୧



୨



୩



୪

୧

**ନନ୍ଦିକା ଦାସ**
କ୍ଲାସ-୬,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ବଡ଼ଗଡ ବ୍ରିଟ୍ କଲୋନୀ,ଭୁବନେଶ୍ୱର



୨


**ପ୍ରତ୍ୟୁତ୍ପନ୍ନା ପଣ୍ଡା**
କ୍ଲାସ-୨, ଜିଏନ୍‌ପିଏସ୍ ସ୍କୁଲ, ସମ୍ବଲପୁର



୩

**ଇପ୍‌ସିତା ମହାନ୍ତି**
କ୍ଲାସ-୬, ଗୁରୁନାନକ ପବ୍ଲିକ୍ ସ୍କୁଲ, ସମ୍ବଲପୁର





୫



୬



୭



୮

୭

**ମନସ୍ୱିନୀ ସାହୁ**
କ୍ଲାସ-୯,କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ



୮

**ଶାଶ୍ୱତ ଖଣ୍ଡୁଆଳ**
କ୍ଲାସ-୧,ଅକ୍ସଫୋର୍ଡ ମଡେଲ ପବ୍ଲିକ୍ ସ୍କୁଲ,ଭୁବନେଶ୍ୱର



୪

**ମହାଶ୍ୱେତା ସାହୁ**
ୟୁକେଜି, ଲୋଟସ ସ୍କୁଲ, ସୋହେଲା, ବରଗଡ



୫

**ରାଜଦୀପ ଶତପଥୀ**
କ୍ଲାସ-୧, ପଶ୍ଚିମନାନପୁର ୟୁଜିଏମ୍ଇ ସ୍କୁଲ, ବାଲିଚନ୍ଦ୍ରପୁର, ଯାଜପୁର



୬

**ସାଇ ଆଦିତ୍ୟ ପ୍ରଧାନ**
କ୍ଲାସ-୧, ମିଲିଟାରୀ ଇଂଲିଶ୍ ମିଡିୟମ୍ ସ୍କୁଲ, ପୁରୀ





୯



୧୦



୧୧

୯

**ଆଦ୍ୟାଶା ଦାଶ**
କ୍ଲାସ-୧, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର



୧୦

**ସ୍ମୃତିରେଖା ନାୟକ**
କ୍ଲାସ-୯, ହିଙ୍ଗୁଳା ହାଇସ୍କୁଲ, ଶଂଙ୍ଖଚିଲା, ଯାଜପୁର



୧୧

**ଶାଶ୍ୱତୀ ମିଶ୍ର**
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ହରଚଣ୍ଡୀ ସାହି,ପୁରୀ



## ବୈଜ୍ଞାନିକ ହେବା ଲକ୍ଷ୍ୟରେ

# ଶ୍ରେୟାଂଶ



ଶିଶୁ ପ୍ରତିଭା

**ବ**ୟସ କମ୍ କିନ୍ତୁ ପାଖରେ ରହିଛି ପ୍ରତିଭା ଅନେକ। ପାଠପଢ଼ା ସହ ଅନ୍ୟାନ୍ୟ କାର୍ଯ୍ୟକଳାପରେ ସିଦ୍ଧହସ୍ତ ଏହି କୁନି ପ୍ରତିଭା ହେଉଛନ୍ତି ଶ୍ରେୟାଂଶ କାନୁନ୍‌ଗୋ। ୭ ବର୍ଷ ବୟସର ଶ୍ରେୟାଂଶ ବାଙ୍ଗାଲୋରର ବିଦ୍ୟାସୌଧ ପବ୍ଲିକ ସ୍କୁଲର କ୍ଲାସ-୨ ଛାତ୍ର। ଚଳିତ ବର୍ଷ ଜୁଲାଇ ମାସରେ ଚାଇନାର ଫୋସାନ୍ ସହରରେ ଅନୁଷ୍ଠିତ ହୋଇଥିବା 'ଆଲୋହା ଇଣ୍ଟରନ୍ୟାଶନାଲ ଆବାକସ୍ ପ୍ରତିଯୋଗିତା'ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୬ଟି ଦେଶରୁ ପ୍ରାୟ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହା ପୂର୍ବରୁ ୨୦୧୮ରେ ସେ 'ଆଲୋହା ନ୍ୟାଶନାଲ ଆବାକସ୍ ପ୍ରତିଯୋଗିତା'ରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ଏହି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନଙ୍କୁ ୫ ମିନିଟରେ ୮୦ଟି ଗଣିତ କରିବାକୁ ପଡିଥାଏ। ଶ୍ରେୟାଂଶ ଏହି କାଲକୁଲେଶନକୁ ନିର୍ଭୁଲ ଭାବରେ ସମ୍ପୂର୍ଣ୍ଣ କରି ଟାଇଟଲ ୱିନର ହୋଇଥିଲେ। ତେବେ ଏହି ଜଟିଳ ହିସାବକୁ ଖୁବ୍‌ଶୀଘ୍ର ସମାଧାନ କରିବା ଲାଗି ପ୍ରତିଯୋଗୀଙ୍କୁ ମାନସିକ ଭାବେ ସତର୍କ ରହିବା ସହ ଏକାଗ୍ରତା ଏବଂ ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ ହେବା ଜରୁରୀ। କାକଟପୁରର ମୂଳବାସିନ୍ଦା ମାତା ସ୍ୱାଗତିକା କାନୁନ୍‌ଗୋ ଏବଂ ପିତା ସତ୍ୟବ୍ରତ କାନୁନ୍‌ଗୋଙ୍କ ଏକମାତ୍ର ପୁତ୍ର ଶ୍ରେୟାଂଶ ଜଣେ ମେଧାବୀ ଛାତ୍ର ଭାବେ ପରୀକ୍ଷାରେ ଭଲ ନମ୍ବର ରଖୁଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ପୁରସ୍କାର ମଧ୍ୟ ଲାଭ କରିଛନ୍ତି। ସ୍କୁଲରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରତିଯୋଗିତା ଯଥା- ଚିତ୍ରାଙ୍କନ, ବକ୍ତୃତା, ଫ୍ୟାନ୍ସି ଡ୍ରେସ୍ ଆଦିରେ ଭାଗନେଇ ସଫଳତା ଲାଭ କରିଛନ୍ତି। ଏହି ସବୁ ସଫଳତାର ଶ୍ରେୟ ଶ୍ରେୟାଂଶ ନିଜ ଜେଜେମା ନିରୁପମା କାନୁନ୍‌ଗୋ, ଜେଜେବାପା ରବୀନ୍ଦ୍ରନାଥ କାନୁନ୍‌ଗୋ, ଆଈ ବିଷ୍ଣୁପ୍ରିୟା ପଟ୍ଟନାୟକ, ଅଜା ସ୍ୱର୍ଗତ ଧନେଶ୍ୱର ପଟ୍ଟନାୟକ ତଥା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି। ତେବେ ଡ. ଏପିଜେ ଅବଦୁଲ କଲାମଙ୍କୁ ନିଜର ଆଦର୍ଶ ମାନୁଥିବା ଶ୍ରେୟାଂଶ ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି।

**-ଲିପ୍‌ସା ବିଶୋଇ**

## କବିତା

### ସମୟର ଖେଳ



**ସ**ମୟ ଚାଲିଛି ବିରାମ ନାହିଁ ତା
ଖାଲଢ଼ିପ ବଣ ଡେଇଁ
ପାହାଡ, ଝରଣା ନଈନାଳ ସବୁ
ବେଗି ବେଗି ଯାଏ ଧାଇଁ।
କାନେ କାନେ କହେ, ଠିକଣା ବେଳରେ
ଦେଇଥାଏ ସେ ଜବାବ
ତାକୁ ଯେ, ଚାହିଁଛି ବୁଝିଛି ତା ମୂଳ
ବଦଳେ ନାହିଁ ସ୍ୱଭାବ।
ପଢ଼ା ବେଳେ ପଢ଼, ଖେଳ ବେଳେ ଖେଳ
ଜଗିରଖି କାମ କଲେ
ସବୁଠି ଜିତିବ, ହାରିବନି କେବେ
ଜାଣିଥାଅ ଏହା ଭଲେ।


**-ଜଗନ୍ନାଥ ସାମଲ**
*ତୁଳସୀପୁର, ଭଣ୍ଡାରୀପୋଖରୀ*
*ଭଦ୍ରକ, ମୋ: ୯୪୩୭୩୦୯୯୩୬*

### ଗତଥରର ଉତ୍ତର

* ସେପ୍ଟେମ୍ବର ୫
* ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍
* ଗୁରୁ ଦ୍ରୋଣାଚାର୍ଯ୍ୟ
* ସନ୍ଦିପନୀ ମୁନି
* ୧୯୬୨

### ଏ ଥରର ପ୍ରଶ୍ନ

- କେଉଁ ରାଜା ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରିତ ହୋଇଥିଲେ?
- ଗୌତମ ବୁଦ୍ଧଙ୍କ ବାଲ୍ୟ ନାମ କ'ଣ ଥିଲା?
- କାହାକୁ ଝାନ୍‌ସୀର ରାଣୀ ବୋଲି କୁହାଯାଏ?
- ମୋଗଲ ସାମ୍ରାଜ୍ୟର ଶେଷ ସମ୍ରାଟ କିଏ ଥିଲେ?
- ମୌର୍ଯ୍ୟ ବଂଶର ପ୍ରତିଷ୍ଠାତା କିଏ ଥିଲେ?



ପାର୍ଥକ୍ୟ ଦର୍ଶାଅ

### ଜଳ



**ଛ**ଳ ଛଳ ନିରିମଳ
କି ସୁନ୍ଦର ଦେହ ତା'ର,
ଅମ୍ଳଜାନ, ଉଦ୍‌ଜାନରେ
ଗଢ଼ା ପରା ତା' ଶରୀର।
ଗ୍ୟାସୀୟ, ତରଳ, କଠିନ
ତିନି ରୂପେ ବିଦ୍ୟମାନ,
ବର୍ଣ୍ଣହୀନ ଗନ୍ଧହୀନ
ସେ ପୁଣି ଆକାରହୀନ।
ସୂର୍ଯ୍ୟତାପେ ବାଷ୍ପ ହୋଇ
ଆକାଶକୁ ଯାଏ ସେହି,
ଧାରା ସାଜି ବରଷାର
ଆସେ ଫେରି ଧରାପର।
ଜଳଚକ୍ର ଯୋଗୁ ପରା
ସବୁଜ ସୁନ୍ଦର ଧରା,
ଷାଠିଏ ଭାଗ ଜଳେଭରା
ଶରୀରର କୋଷପରା।
ଖାଦ୍ୟବିନା କିଛିଦିନ
ବଞ୍ଚିଯାଇ ପାରେ ଜନ,
ବଞ୍ଚିବାଟା ଜଳବିନା
ଅସମ୍ଭବ ପୂରା ସିନା।
ତେଣୁ ତା'ର ଅନ୍ୟ ନାମ
ଅଟଇ ପରା ଜୀବନ,
ମିଶି ବିନ୍ଦୁ ବିନ୍ଦୁ ନୀର
ଗଢ଼ା ଅସୀମ ସାଗର।
ପାଣିକୁ ନଷ୍ଟ ନ କରି
ରଖିବା ସଂଚୟ କରି।




**-ମୀନାକ୍ଷୀ ନାୟକ**
*ରେଲୱେ କଲୋନୀ ଉଚ୍ଚ ବିଦ୍ୟାଳୟ,*
*ମଞ୍ଚେଶ୍ୱର, ଭୁବନେଶ୍ୱର*

## ତୁମ ପଢ଼ିବା ପାଇଁ

**ମୋ ଆଶା:** ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଜୁଲାଇ -ସେପ୍ଟେମ୍ବର ସଂଖ୍ୟାରେ ରହିଛି, ଆସିଛି ବରଷା ରାଣୀ, ଆକାଶ ଡଙ୍ଗା, ପରିଶ୍ରମର ପଇସା, ଦରଦୀ ଆଇନ୍‌ଜୀବୀ, ବୁଲାବିକାଳି, କହିଲା କୁଆ ପରି ରହିଛି କେତୋଟି ଗଳ୍ପ ଓ କବିତା। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୧୫ଟଙ୍କା।

ଯୋଗାଯୋଗ: 'ମୋ ଆଶା', ଲିଟିଲ୍ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡ଼ା,ପୁରୀ



# ଚନ୍ଦ୍ରର କଥା




ପିଲାମାନେ! ଚନ୍ଦ୍ରକୁ ଆମେ ଜହ୍ନମାମୁ ବୋଲି ଡାକୁ। ପିଲା ସମୟରେ ଆମେ ଅଝଟ ହେଲେ ମାଆମାନେ 'ଆ ଜହ୍ନମାମୁ ଶରଦଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି' ଏହି ଗୀତ ଗାଇ ବୋଧ କରାଇଥାଆନ୍ତି। ପୂର୍ଣ୍ଣମୀ ଦିନ ପୂର୍ବ ଆକାଶରେ ଗୋଲାକାର ଚନ୍ଦ୍ରକୁ ଦେଖିବାକୁ କାହାକୁ ବା ଭଲ ନ ଲାଗେ। ଚନ୍ଦ୍ର ଆମ ଆକାଶ ମଣ୍ଡଳକୁ କିପରି ଆସିଲା ପୁରାଣରେ ବର୍ଣ୍ଣନା ରହିଛି। କିନ୍ତୁ ବିଜ୍ଞାନ ଯୁଗରେ ସେହି ପୌରାଣିକ ଗଳ୍ପକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ତେଣୁ ଦୁଇଟି ବିଷୟରେ ଆମେ ଏଠାରେ ଆଲୋଚନା କରିବା। ଚନ୍ଦ୍ରର ସୃଷ୍ଟି ସମୁଦ୍ରରୁ ବୋଲି ପୁରାଣରେ ବର୍ଣ୍ଣିତ ଅଛି।

ପୁରାତନ କାଳରେ ରାକ୍ଷସମାନେ ପୃଥିବୀରେ ଭାରି ଉତ୍ପାତ କରୁଥିଲେ। ମାର୍‌ପିଟ୍, ହଣାକଟା ନିତିଦିନିଆ କାମଥିଲା। ରାକ୍ଷସମାନଙ୍କ ଗୁରୁ ଥିଲେ ଶୁକ୍ରାଚାର୍ଯ୍ୟ। ସେ ରାକ୍ଷସମାନଙ୍କୁ ଦିନେ ଡାକି କହିଲେ, ତୁମେମାନେ ଏଭଳି ଦୁଷ୍କର୍ମ କାମ କରୁଛ କାହିଁକି। ତୁମ ଦେହର ବଳ ଓ ଶକ୍ତି କ୍ଷୟ ହେଉଛି ଏଣୁ ଏମିତି ଏକ କାମ କର ତୁମର ମଙ୍ଗଳ ହେବ। ଏହା ଶୁଣି ରାକ୍ଷସମାନେ ପଚାରିଲେ ଆମେ କି କାମ କରିବୁ, ଆପଣ ଆମକୁ ବତାନ୍ତୁ। ଶୁକ୍ରାଚାର୍ଯ୍ୟ କହିଲେ, ଦେଖ! ତୁମେମାନେ ଅନ୍ୟ କାମ ଛାଡି କେବଳ ସମୁଦ୍ରକୁ ମନ୍ଥନ କର, ସେଥିରେ ବହୁ ଉପାଦେୟ ପଦାର୍ଥ ଲୁଚିଛପି ରହିଛି। ସମୁଦ୍ରକୁ ମନ୍ଥିଲେ ସେଥିରୁ ଅମୃତ ବାହାରିବ ଓ ତୁମେ ଖାଇ ଅମର ହୋଇଯିବ। ତୁମକୁ ଆଉ କେହି ମାରିପାରିବେ ନାହିଁ। ରାକ୍ଷସମାନଙ୍କ ମନକୁ ଏହି କଥାଟି ପାଇଲା। ପୁଣି ଗୁରୁ କହିଲେ, ତୁମେମାନେ ଦେବତାମାନଙ୍କୁ ସାଙ୍ଗରେ ନେଇ ଏଇ କାମଟି କରିବ। ସମୁଦ୍ରରୁ ଯାହା ବାହାରିବ ପରସ୍ପର ବାଣ୍ଟି ନେବ।



ରାକ୍ଷସମାନେ କହିଲେ, ଦେବତାମାନଙ୍କର କି ବଳ ଅଛି ଯେ, ଆମ ସହିତ ମନ୍ଥନ କରିବେ। ଜପ, ତପ କରି କରି ତ ତାଙ୍କର ଦିନ କଟୁଛି। ଗୁରୁ କହିଲେ, ଆରେ ଶୁଣ! ତୁମେ କାହିଁକି ତାଙ୍କୁ ଦୁର୍ବଳିଆ ଭାବୁଛ। ତାଙ୍କର ମନର ବଳ ଏମିତି ଯେ ତୁମର ଶରୀର ବଳ କିଛି ନୁହେଁ। ମୋ କଥା ମାନ। ପରିଶେଷରେ ରାକ୍ଷସମାନେ ମାନିଲେ, ଏହି ମନ୍ଥନ ପାଇଁ। ରାକ୍ଷସମାନେ ଗୋଟିଏ ପଟେ ଓ ଦେବତାମାନେ ଅନ୍ୟ ପଟେ ଧରିଲେ। ସମୁଦ୍ର ମନ୍ଥନ ପାଇଁ ମନ୍ଦିରା ପର୍ବତକୁ ଖୁଆ କରାଗଲା। ବିଷଧର ସର୍ପ ବାସୁକିର ଶରୀରକୁ ଦଉଡି କରାଗଲା। ସମୁଦ୍ର ମନ୍ଥନ କାମ ଆରମ୍ଭ ହେଲା। ଦହିକୁ ମନ୍ଥିଲେ ଯେପରି ଲହୁଣି ବାହାରେ ସେପରି ସମୁଦ୍ର ମନ୍ଥନରୁ ଜଣେ ନାରୀ ପ୍ରଥମେ ବାହାରିଲେ। ସେ ହେଉଛନ୍ତି ସାଗରଙ୍କ କନ୍ୟା ଲକ୍ଷ୍ମୀ। ବିଷ୍ଣୁ ତାଙ୍କୁ ବିବାହ କରିବାରୁ ସେ ବିଷ୍ଣୁଙ୍କ ପତ୍ନୀ ହେଲେ। ଲକ୍ଷ୍ମୀଙ୍କ ପରେ ଚନ୍ଦ୍ର, ତା'ପରେ ଐରାବତ ହାତୀ, ପାରିଜାତ ଫୁଲ, ଶେଷରେ ଅମୃତ। ଲକ୍ଷ୍ମୀଙ୍କୁ ଯେମିତି ଜଗତର ମା' ବୋଲି ଡାକନ୍ତି ସେମିତି ଲକ୍ଷ୍ମୀଙ୍କ ଭାଇ ଚନ୍ଦ୍ର ହୋଇଥିବାରୁ ସଭିଏ ତାଙ୍କୁ ମାମୁ ଡାକନ୍ତି।

କିନ୍ତୁ ଏହି କାହାଣୀକୁ ବୈଜ୍ଞାନିକମାନେ ଗାଲୁ ଗପ ବୋଲି କହିଥାଆନ୍ତି। ବୈଜ୍ଞାନିକଙ୍କ ମତ ଅନୁସାରେ ୫୦୦ କୋଟି ବର୍ଷ ପୂର୍ବେ ସୂର୍ଯ୍ୟଙ୍କଠାରୁ ପୃଥିବୀ ଯେତେବେଳେ ସୃଷ୍ଟି ହୋଇଥିଲା ସେତେବେଳେ ତାହା ଏକ ଉତ୍ତପ୍ତ ବାଷ୍ପ ପିଣ୍ଡ ଥିଲା। ଧୀରେ ଧୀରେ ଥଣ୍ଡା ହୋଇ ଅର୍ଦ୍ଧ ତରଳ ଅବସ୍ଥାକୁ ଆସିଲା। ଏହି ଅର୍ଦ୍ଧତରଳ ଅବସ୍ଥାକୁ ଆସିବା ପାଇଁ ୨୦୦ କୋଟି ବର୍ଷ ଲାଗିଲା। ସୂର୍ଯ୍ୟଙ୍କ ମହାକର୍ଷଣ ଶକ୍ତି ଯୋଗୁ ତା' ଚାରିପଟେ ପୃଥିବୀ ଯେପରି ଘୂରିବାକୁ ଲାଗିଲା, ସେପରି ପୃଥିବୀର ଖଣ୍ଡିଏ ଅଂଶ ବାହାରି ପୃଥିବୀ ଚାରିପଟେ ଘୂରି ଘୂରି ଚନ୍ଦ୍ରରେ ପରିଣତ ହେଲା। ବର୍ତ୍ତମାନ ପୃଥିବୀ ପୃଷ୍ଠରେ ଯେଉଁଠି ପ୍ରଶାନ୍ତ ମହାସାଗର ଅଛି, ସେହି ସ୍ଥାନରୁ ହିଁ ଚନ୍ଦ୍ର ସୃଷ୍ଟି ହୋଇଅଛି। ପରୀକ୍ଷା କରି ଦେଖାଯାଇଛି ଯେ, ପ୍ରଶାନ୍ତ ମହାସାଗରର ଆୟତନ ସହିତ ଚନ୍ଦ୍ରର ଆୟତନ ପ୍ରାୟ ସମାନ। ଚନ୍ଦ୍ର ପୃଥିବୀର ଏକମାତ୍ର ଉପଗ୍ରହ।



ପିଲାମାନେ ତୁମେମାନେ ଜାଣିଛ ସୂର୍ଯ୍ୟର ଆଲୋକ ପୃଥିବୀ ଉପରେ ପଡୁଛି ଓ ପୃଥିବୀ ଚାରିପଟେ ଚନ୍ଦ୍ର ଗତି କରୁଥିବାରୁ ପୃଥିବୀରୁ ସେହି ଆଲୋକ ଆସି ଚନ୍ଦ୍ର ଉପରେ ପଡୁଛି। ପୃଥିବୀର ଦୈନିକ ଗତି ଓ ବାର୍ଷିକ ଗତି ଯୋଗୁ ଦିନ ରାତି ଓ ଋତୁ ପରିବର୍ତ୍ତନ ହେଉଅଛି।

**–ବିନୋଦ ଚନ୍ଦ୍ର ଜେନା**
ଭିକ୍ଟୋରି କଲୋନୀ, ପାରଳାଖେମୁଣ୍ଡି, ଗଜପତି

## ଚନ୍ଦ୍ର ସମ୍ପର୍କରେ କେତେକ ତଥ୍ୟ





- ପୃଥିବୀଠାରୁ ଚନ୍ଦ୍ରର ଦୂରତା ୩,୮୪,୪୦୦ କିମି
- ଚନ୍ଦ୍ର ଓ ପୃଥିବୀର ଆକାରର ଅନୁପାତ ୧:୪
- ଚନ୍ଦ୍ରର ବ୍ୟାସ ୩୪୭୫ କିମି
- ଚନ୍ଦ୍ରର ପରିଭ୍ରମଣ କାଳ ୨୭ଦିନ ୭ ଘଣ୍ଟା ୪୩ ମିନିଟ୍ ୧୧.୪୭ ସେକେଣ୍ଡ
- ଦିନ ବେଳା ଚନ୍ଦ୍ରର ତାପମାତ୍ରା ୧୨୭ ଡିଗ୍ରୀ ସେ. (ସର୍ବାଧିକ)
- ରାତି ବେଳା ଚନ୍ଦ୍ରର ତାପମାତ୍ରା –୧୭୩ ଡିଗ୍ରୀ ସେ. (ସର୍ବନିମ୍ନ)
- ଚନ୍ଦ୍ରରେ ଅବତରଣ କରିଥିବା ପ୍ରଥମ ମହାକାଶ ଯାନର ନାମ – ଲୁନା–୨ (ରୁଷିଆ)
- ମଣିଷ ପ୍ରଥମେ ଚନ୍ଦ୍ରରେ ପାଦ ଦେଲା ୨୦।୦୭।୧୯୬୯
- କେଉଁ ଯାନରେ ପ୍ରଥମେ ମଣିଷ ଚନ୍ଦ୍ରକୁ ଯାଇଥିଲେ – ଆପୋଲୋ–୧୧
- ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଓ ଆଲ୍‌ଡ୍ରିନ ଚନ୍ଦ୍ର ପୃଷ୍ଠକୁ ଯାଇ ୮୦ ଘଣ୍ଟା ବୁଲିଥିଲେ।
- ଭାରତରୁ ଚନ୍ଦ୍ରଯାନ–୧ ଗତ ୨୨।୧୦।୨୦୦୮ ପଠାଯାଇଥିଲା।
- ବର୍ତ୍ତମାନ ଚନ୍ଦ୍ରଯାନ–୨ ଗତ ୨୨।୦୭।୨୦୧୯ ଦିନ ପଠାଯାଇଅଛି।

ଏହି ଯାନ ଭୂପୃଷ୍ଠକୁ ଫଟୋ ମାଧ୍ୟମରେ ବିଭିନ୍ନ ତଥ୍ୟ ଯୋଗାଇବ।

# ଆଇନା



ପ୍ରତ୍ୟୁଷା
୬ ବର୍ଷ



ଆଦ୍ୟାଶା
୧୨ ବର୍ଷ



ପ୍ରିୟାଂଶୀ
୮ ବର୍ଷ